# NATIONAL NEWS BULLETIN (ODIA)

## 23 September - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

– ହିନ୍ଦୀ ଚଳଚ୍ଚିତ୍ର **‘12th fail’** ସର୍ବୋତ୍ତମ ଫିଚର ଫିଲ୍ମ ଏବଂ ‘ପୁଷ୍କରା’ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ପୁରସ୍କୃତ ।

- ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଆସନ୍ତା ଗୁରୁବାର ଶ୍ରମଦାନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ଦୀପାବଳି ଓ ଛଟ୍ ପର୍ବ ଅବସରରେ ଦେଶରେ ୧୨ ହଜାର ସ୍ୱତନ୍ତ୍ର ଯାତ୍ରୀବାହି ଟ୍ରେନ୍ ଚଳାଚଳ କରିବ, କହିଲେ ରେଳମନ୍ତ୍ରୀ ।

- ବିଜେପି କହିଛି, ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଯୋଗୁଁ ଔଷଧ ସମେତ ବିଭିନ୍ନ ସାମଗ୍ରୀର ହ୍ରାସ ପାଇଛି ଦର ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ପାକିସ୍ତାନ-ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା ।

# ପ୍ରେସିଡେଣ୍ଟ ନ୍ୟାସନାଲ୍ ଫିଲ୍ମ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ତି । ଏଥିରେ ହିନ୍ଦୀ ଚଳଚ୍ଚିତ୍ର **‘12th fail’** କୁ ସର୍ବୋତ୍ତମ ଫିଚର୍ ଫିଲ୍ମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ହିନ୍ଦୀ ଚଳଚ୍ଚିତ୍ର ‘କଥାଲ୍-ଏ ଜ୍ୟାକ୍‌ଫ୍ରୁଟ୍ ମିଷ୍ଟ୍ରି’କୁ ସର୍ବୋତ୍ତମ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଛି । ଚଳଚ୍ଚିତ୍ର ‘ଯବାନ୍’ ପାଇଁ ଅଭିନେତା ଶାହାରୁଖ୍ ଖାନ୍ ଏବଂ ବିକ୍ରାନ୍ତ ମେସିଙ୍କୁ **‘12th fail’** ପାଇଁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଛି ।

ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କିମ୍ବଦନ୍ତୀ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମୋହନ ଲାଲଙ୍କୁ ୨୦୨୩ ମସିହା ପାଇଁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନୀତ କରାଯାଇଛି । ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ‘ମିଶେଶ ଚାଟାର୍ଜୀ ଭର୍ସେସ୍ ନରୱେ’ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ସର୍ବୋତ୍ତମ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅଣ-ଫିଚର୍ ଫିଲ୍ମ ବର୍ଗରେ ସୌମ୍ୟଜିତ ଘୋଷ ଦସ୍ତିଦାରଙ୍କ ନିର୍ଦ୍ଦେଶିତ ‘ଫ୍ଲାୱାରିଂ ମ୍ୟାନ୍’ ଚଳଚ୍ଚିତ୍ର ସର୍ବୋତ୍ତମ ଅଣ-ଫିଚର୍ ଫିଲ୍ମ ପୁରସ୍କାର ପାଇଛି ।

ହିନ୍ଦୀ ଚଳଚ୍ଚିତ୍ର ‘ରକି ଅର୍ ରାନୀ କି ପ୍ରେମ୍ କାହାନୀ’କୁ ଶ୍ରେଷ୍ଠ ଲୋକପ୍ରିୟ ତଥା ମନୋରଂଜନ ଧର୍ମୀ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ସୁଦୀପ୍ତ ସେନ୍‌ଙ୍କ କେର୍‌ଲା ଷ୍ଟୋରୀକୁ ଶ୍ରେଷ୍ଠ

ନିର୍ଦ୍ଦେଶକ ପୁରସ୍କାର ମିଳିଛି । ଗାୟକ ଶିଳ୍ପା ରାଓଙ୍କୁ ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ପୁରସ୍କାର 'ଯବାନ୍' ହିନ୍ଦୀ ଚଳଚ୍ଚିତ୍ର ପାଇଁ ମିଳିଥିବା ବେଳେ ପୁରୁଷ ବର୍ଗରେ ପି.ଭି.ଏନ୍.ଏସ୍. ରୋହିତଙ୍କୁ ତେଲୁଗୁ ଚଳଚ୍ଚିତ୍ର 'ବେବି' ପାଇଁ ପୁରସ୍କୃତ କରାଯାଇଛି । ସେହିପରି ଉତ୍ପଳ ଦତ୍ତଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର କ୍ରିଟିକ୍ ପୁରସ୍କାର ପ୍ରଦାନ କରାଯାଇଛି । 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ପୁରସ୍କାର ପାଇଛି ।

ଏହି ସମାରୋହରେ ଯୋଗଦେଇ ପୁରସ୍କାର ପ୍ରଦନା କରିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନାରୀ କୈନ୍ଦ୍ରୀକ ଚଳଚ୍ଚିତ୍ର ନିର୍ମାଣ ହେଉଥିବାରୁ ଖୁସିବ୍ୟକ୍ତ କରିଛନ୍ତି । ଏହା ସାମାଜିକ ସଂସ୍କାର ଆଣିବାରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O-1--PREZ-ON-MOHAN-LAL**

ଏହି ସମାରୋହରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମୁମ୍ବାଇ ଠାରେ ଦେଶର ପ୍ରଥମ ସୃଜନଶୀଳ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ କାର୍ଯ୍ୟକ୍ଷମ ହୋଇଛି । ଯେଉଁଥିରେ ୧୭ ପ୍ରକାରର ପାଠ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

# ପିଏମ୍-ସ୍ୱଚ୍ଛତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନସାଧାରଣଙ୍କୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ

କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ ସୂଚାଉଛି ବୋଲି କହିଛନ୍ତି । ଆସନ୍ତା ୨୫ ତାରିଖ ଗୁରୁବାର ସକାଳ ୮ଟାରୁ ସ୍ୱଚ୍ଛତା ଉତ୍ସବରେ ଯୋଗଦେଇ ସମସ୍ତ ଲୋକମାନଙ୍କୁ ସେ ଶ୍ରମଦାନ କରିବାକୁ ନିବେଦନ କରିଛନ୍ତି । ସେହିଦିନ ମଧ୍ୟ ପଣ୍ଡିତ ଦିନ୍‌ଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ସାରା ଦେଶରେ ପାଳନ କରାଯିବ ।

## ପିଏମ୍‌ଓ-ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିବୃଦ୍ଧି ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବଙ୍କ ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଦେଶର ପାରମ୍ପରିକ ଭେଷଜ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ରୂପାନ୍ତରଣ ଆସିଛି, ଯାହା ଦେଶର ଜନସାଧାରଣ ତଥା ଜୀବଜଗତ ପାଇଁ ଏକ ସନ୍ତୁଳିତ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଅବଦାନ ରହିଛି ।

## ରେଳୱେ-ସ୍ପେଶାଲ୍ ଟ୍ରେନ୍

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ଦୀପାବଳି ଏବଂ ଛଟ୍ ପର୍ବ ଉପଲକ୍ଷେ ଦେଶରେ ୧୨ ହଜାର ସ୍ୱତନ୍ତ୍ର ଯାତ୍ରୀବାହି ଟ୍ରେନ୍ ଚଳାଚଳ

ହେବ ବୋଲି ଘୋଷଣା କରିଛନ୍ତି । ସାଧାରଣ ଲୋକଙ୍କ ଯାତାୟତରେ ସୁବିଧା ଆଣିବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଥିବା ରେଳ ମନ୍ତ୍ରୀ କହିଛନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକୁ ଆସନ୍ତା ଅକ୍ଟୋବର ପହିଲାରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ । ଗତ ବର୍ଷ ଏହି ସମୟରେ ସରକାର ୭ ହଜାର ୭୫୦ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରିଥିଲେ । ମନ୍ତ୍ରୀ କହିଛନ୍ତି, ୧୦ ହଜାର ଟ୍ରେନ୍‌ର ଚଳଚଳ ଘୋଷଣା କରାଯାଇ ସାରିଥିବା ବେଳେ ୧୫୦ଟି ଅଣ-ସଂରକ୍ଷିତ ଟ୍ରେନ୍‌ର ଚଳାଚଳ ଆବଶ୍ୟକତା ଅନୁଯାୟୀ କରାଯିବ ବୋଲି ସେ କହିଛନ୍ତି ।

**V/O-2-ASHWINI-VAISHNAW**

ରେଳମନ୍ତ୍ରୀ କହିଛନ୍ତି, ଦେଶର ୨୯ଟି ରେଳ ଡିଭିଜନ୍‌ରେ ବିଭାଗ ପକ୍ଷରୁ ୯୫ ପ୍ରତିଶତ ସଫଳ ଟ୍ରେନ୍ ଚଳାଚଳର ଲକ୍ଷ୍ୟ ହାସଲ ହୋଇପାରିଛି । ଏଥିରେ ମାଲଦା, ନାଗପୁର, କୋଟା ରାଞ୍ଚି, ଜୟପୁର, ରାଜକୋଟ୍, ବିକାନେର୍ ଏବଂ ଅହମ୍ମଦାବାଦ୍ ରେଳ ଡିଭିଜନ୍ ଗୁଡ଼ିକ ରହିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର ସମସ୍ତ ୭୦ ରେଳ ଡିଭିଜନ୍‌ରେ ମନ୍ତ୍ରଣାଳୟ, ଶତପ୍ରତିଶତ ସମୟାନୁବର୍ତ୍ତିତା ହାସଲ କରିବାର ଲକ୍ଷ୍ୟ ରଖିଛି ।

# ବିଜେପି-ଜିଏସ୍‌ଟି

ବିଜେପି କହିଛି, ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଆସିବା ଫଳରେ ବିଭିନ୍ନ ସାମଗ୍ରୀ ତଥା ଔଷଧର ଦର ହ୍ରାସ ଘଟିଛି । ଫଳରେ ଦେଶର ସାଧାରଣ ଲୋକଙ୍କୁ ଏହା ଆସ୍ୱସ୍ତି ପ୍ରଦାନ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ବିଭିନ୍ନ ଦ୍ରବ୍ୟ ଉପରେ ଦର ହ୍ରାସ ହେବା ଫଳରେ ସାଧାରଣ ଜନତାଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି । ଏନ୍.ଡି.ଏ. ନେତା ତଥା ମନ୍ତ୍ରୀମାନେ ବଜାର ଗସ୍ତ କରି ସାଧାରଣ ଲୋକଙ୍କ ମନୋଭାବକୁ ଅନୁଧ୍ୟାନ କରିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିବା ସୂଚନାକୁ ଆଧାର କରି ଶ୍ରୀ ପାତ୍ର ଏହା କହିଛନ୍ତି । ସେ କହିଛନ୍ତି, କଂଗ୍ରେସ ବିଭିନ୍ନ ସାମଗ୍ରୀ ଉପରେ ଭିନ୍ନ ଭିନ୍ନ କର ଲଗାଇଥିଲା ଏବଂ ଗତ ୭୫ ବର୍ଷ ମଧ୍ୟରେ ଏଥିରେ କୌଣସି ସୁଧାର ଆଣିପାରିନଥିଲା । ବିଜେପି କ୍ଷମତାକୁ ଆସିବା ପରେ ଜି.ଏସ୍.ଟି. କେବଳ ଏକ ବାସ୍ତବତାର ରୂପ ନେଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

# ଜିଏସ୍‌ଟି

ଦେଶରେ ଗତକାଲିଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହୋଇଛି । ଜନସାଧାରଣ ଜି.ଏସ୍.ଟି. କ୍ଷେତ୍ରରେ ଅଣାଯାଇଥିବା ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ନୂତନ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ ହ୍ରାସ କରି

ଦୁଇ ଥାକିଆ ଟିକସ ବ୍ୟବସ୍ଥା ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ରଖିଛନ୍ତି । ଏହି ସଂସ୍କାର ଆସିବା ଫଳରେ ଦେଶର ନାଗରିକମାନେ ବିଭିନ୍ନ ସେବା ଓ ସାମଗ୍ରୀ ଉପରେ ସିଧାସଳଖ ଲାଭ ପାଇପାରିବେ ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ କର ହ୍ରାସ କରିଥିବା ବେଳେ କୃଷକମାନଙ୍କୁ କୃଷି ସୁବିଧା ଯୋଗାଇବା ପାଇଁ ୧୮ଶହ ସି.ସି. ଟ୍ରାକ୍ଟର କ୍ରୟ କ୍ଷେତ୍ରରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । ଟ୍ରାକ୍ଟର ଉପକରଣ କ୍ଷେତ୍ରରେ ମଧ୍ୟ ୧୮ ପ୍ରତିଶତରୁ ୫ ପ୍ରତିଶତକୁ କର ହ୍ରାସ କରାଯାଇ କୃଷକମାନଙ୍କୁ ସରକାର ଏକ ବୃହତ ଉପଲବ୍ଧି ଦେଇଛନ୍ତି । ସେହିପରି ସାଧାରଣ ଲୋକଙ୍କ ଗୃହ ଉପକରଣ, ଇଲେକ୍ଟ୍ରୋନିକ୍ ଉପକରଣ ଯେପରିକି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ବାସନମଜା ମେସିନ, ଟିଭି ତଥା ଅନ୍ୟାନ୍ୟ ଉପକରଣରେ ମଧ୍ୟ କର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ଏହାଦ୍ୱାରା ସାଧାରଣ ଲୋକଙ୍କ କ୍ରୟ କରିବାର କ୍ଷମତା ବୃଦ୍ଧି ପାଇବା ସହ ଉତ୍ପାଦ କ୍ଷମତା ମଧ୍ୟ ବଢ଼ିବ ।

# ପିଏମ୍-ସେବାପର୍ବ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ କିଭଳି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ଭାରତର ଯୁବକମାନଙ୍କୁ ସଶକ୍ତ କରିଛନ୍ତି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୧ ବର୍ଷ ପୂର୍ବରୁ ଯେତେବେଳେ ଦେଶର ଶାସନ ଦାୟିତ୍ୱ ନେଇଥିଲେ । ସେ ଦେଶର ଲକ୍ଷ ଲକ୍ଷ ଯୁବକମାନଙ୍କୁ ସଶକ୍ତ କରିବାର ଦୃଷ୍ଟିକୋଣ ରଖିଥିଲେ । ଏହି ସଫଳତାକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ୨୦୧୫ ମସିହା ଜୁଲାଇ ୧୫ ତାରିଖରେ ଆରମ୍ଭ ହୋଇଥିଲା । ଏହି ଯୋଜନା ଏବେ ତାର ୧୦ ବର୍ଷର ଲମ୍ବା ଯାତ୍ରା ସଫଳତାର ସହ ଶେଷ କରିଛି ।

ଏହି ଯୋଜନା ମାଧ୍ୟମରେ ଦେଶର ୧ କୋଟି ୬୩ ଲକ୍ଷ ଯୁବବର୍ଗ ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ପ୍ରଶିକ୍ଷିତ ହୋଇଛନ୍ତି । ଯେଉଁଥିରେ ୪୫ ପ୍ରତିଶତ ମହିଳା ସାମିଲ ଅଛନ୍ତି । ଏହି ଯୋଜନାର ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି । ଆସନ୍ତା ବର୍ଷ ପର୍ଯ୍ୟନ୍ତ ଏହା ଚାଲିବ । ଯୋଜନା ଅଧୀନରେ ପ୍ରଶିକ୍ଷିତ ଯୁବଗୋଷ୍ଠୀ କେବଳ ନିଜର ପସନ୍ଦ ଯୋଗ୍ୟ ଭବିଷ୍ୟତ ବାଛୁ ନାହାନ୍ତି ବରଂ ନିଜର ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବି ହୋଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟରଂଜନ ମିଶ୍ର ।

**Seba Parba Closing**

# ଏସିଆକପ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସୁପର୍ ଫୋର୍ ପର୍ଯ୍ୟାୟରେ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଅବୁଧାବିର ଶେଖ୍ ଜାୟଦ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ୨୧ ତାରିଖରେ ଭାରତ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ସୁପର୍‌ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ୬ ଓ୍ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା । ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସୁପର୍ ଫୋର୍ ପର୍ଯ୍ୟାୟରେ ଭାରତ ଏବଂ ବାଂଲାଦେଶ ମୁହାଁମୁହିଁ ହେବେ ।